# ଦୁଇଟି ଅପ୍ରିୟ କଥା

୦୪/୦୩/୧୯୮୯

କିଛି ଦିନ ତଳେ କେତେ ଜଣ ଉତ୍ସାହୀ ଯୁବକଙ୍କ ନିମନ୍ତ୍ରଣ କ୍ରମେ ତାଙ୍କ ଯୁବକ ସଂଘର ଏକ ଉତ୍ସବକୁ ଅତିଥି ହୋଇ ଯାଇଥିଲି । ସେଦିନ ସେମାନେ ସ୍ୱାମୀ ବିବେକାନନ୍ଦଙ୍କର ଜୟନ୍ତୀ ଉତ୍ସବ ପାଳନ କରୁଥାନ୍ତି । ମୋ ସହିତ ଯାଇଥିଲେ ସେହି ସଂଘର ପୃଷ୍ଠପୋଷକ ସ୍ଥାନୀୟ ବିଧାୟକ । ପଲ୍ଲୀ ଅଞ୍ଚଳରେ ସୀମିତ ସମ୍ବଳ ସତ୍ତ୍ୱେ ବହୁ ଉଦ୍ଦୀପନା ଓ ସମ୍ଭାବନା ମୁଁ ଲକ୍ଷ୍ୟ କରିଥିଲି ଯୁବ ଉଦ୍ୟୋକ୍ତାମାନଙ୍କ ଭିତରେ । ମନେ ହେଉଥିଲା ସଂଘର କର୍ମକର୍ତ୍ତାମାନଙ୍କ ପାଇଁ ସତେ ଯେପରି ଏହା ତାଙ୍କ ଜୀବନର ସର୍ବଶ୍ରେଷ୍ଠ ଉତ୍ସବାନୁଷ୍ଠାନ । ନିର୍ଦ୍ଧାରିତ ସମୟରେ ବିବେକାନନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଏବଂ ପ୍ରଦୀପ ଜଳାଇ ସଭାକାର୍ଯ୍ୟ ଆରମ୍ଭ ହେଲା । ପ୍ରାରମ୍ଭିକ ସଂଗୀତ ପରେ ଯୁବ ସଭାପତି ତାଙ୍କର ସହକର୍ମୀ ସଂପାଦକଙ୍କୁ ବିଭିନ୍ନ ବିଶିଷ୍ଟ ବ୍ୟକ୍ତିମାନଙ୍କଠାରୁ ଆସିଥିବା ଶୁଭେଚ୍ଛା ବାର୍ତ୍ତାମାନ ପଢ଼ିବାକୁ ଅନୁରୋଧ କଲେ । ଅନ୍ୟମାନଙ୍କ ମଧ୍ୟରେ ସେହି ଜିଲ୍ଲାର ମନ୍ତ୍ରୀମାନଙ୍କ ସହିତ ମନ୍ତ୍ରିମଣ୍ଡଳର ଅନ୍ୟ ବହୁ ବରିଷ୍ଠ ମନ୍ତ୍ରୀମାନେ ମଧ୍ୟ ଶୁଭେଚ୍ଛା ବାର୍ତ୍ତାମାନ ପଠାଇଥିଲେ । ମନ୍ତ୍ରୀ ମହୋଦୟମାନଙ୍କର ଦପ୍ତରରୁ କେହି ଦକ୍ଷ ସହକର୍ମୀ ବାର୍ତ୍ତାଗୁଡ଼ିକ ପ୍ରସ୍ତୁତ କରିଥିବେ ନିଶ୍ଚୟ । ଇଂରାଜୀରେ ଲିଖିତ ଏହି ବାର୍ତ୍ତାଗୁଡ଼ିକୁ ଶୁଣିଲା ପରେ ସେପରି କୌଣସି ଉତ୍ସାହ ତ ସୃଷ୍ଟି ହେଲା ନାହିଁ ବରଂ ଗୋଟିଏ କଥା ଅତି ସ୍ପଷ୍ଟ ହୋଇଗଲା ଯେ, ଆମ ମନ୍ତ୍ରୀଙ୍କୁ ସହାୟତା କରୁଥିବା ଷ୍ଟେନୋ-ଟାଇପିଷ୍ଟ ଓ ସଚିବମାନେ ଇଂରାଜୀ ଜାଣନ୍ତି

## ଆମଘରର ହାଲଚାଲ

ସୌମ୍ୟ ରଂଜନ ପଟ୍ଟନାୟକ

ନାହିଁ କିମ୍ବା ତାଙ୍କର ଇଂରାଜୀ ପଢ଼ିବା ପାଇଁ ଆମର ଆଜିର ଯୁବକମାନଙ୍କର ସାମର୍ଥ୍ୟ ନାହିଁ । ମନ୍ତ୍ରୀମାନଙ୍କର ବାର୍ତ୍ତା କାହା ପାଇଁ ଉଦ୍ଦିଷ୍ଟ ଥିଲା ଓ କାହାପାଖେ ପହଞ୍ଚୁଥିଲା ତାହା ଏବେ ମଧ୍ୟ ମୁଁ ନିଜକୁ ନିଜେ ପଚାରୁଛି । ଓଡ଼ିଶାର ସଂସ୍କୃତିପ୍ରେମୀ ମୁଖ୍ୟମନ୍ତ୍ରୀ ଗତ ୧୯୮୫ ମସିହାଠାରୁ ଓଡ଼ିଆ ଭାଷାକୁ ସରକାରୀ ଭାଷା ରୂପେ ଘୋଷଣା କରି ସାରିଲେଣି । ଅଥଚ ତାଙ୍କ ମନ୍ତ୍ରୀମାନଙ୍କର ଦପ୍ତରରେ ଏପର୍ଯ୍ୟନ୍ତ ନିଦ୍ରାଭଙ୍ଗ ହୋଇ ନାହିଁ । ତା'ହେଲେ ଆଉ ଦୋଷ ଦେବା କାହାକୁ ?

ଗତ ସପ୍ତାହରେ କେତେ ଗୁଡ଼ିଏ ସାଂସ୍କୃତିକ ଉତ୍ସବରେ ଯୋଗ ଦେବା ପାଇଁ ରାଉରକେଲା ଯାଇଥିଲି । ରାଉରକେଲା ନିକଟବର୍ତ୍ତୀ ପାନପୋଷଠାରେ ଥିବା ସରକାରୀ ସର୍କିଟ୍ ହାଉସ୍‌ରେ ରାତ୍ରିଯାପନ କରିଥିଲି । ସେ ସମୟରେ ସୁନ୍ଦରଗଡ଼ ଜିଲ୍ଲାପାଳ ମଧ୍ୟ ସେଠି ରହୁଥାଆନ୍ତି । ପରଦିନ ସକାଳେ କୌଣସି ଏକ କାର୍ଯ୍ୟରେ ଟେଲିଫୋନ୍ କରିବାର ଆବଶ୍ୟକତା ପଡ଼ିଲା । ସର୍କିଟ୍ ହାଉସ୍‌ର ତତ୍ତ୍ୱାବଧାରକ କହିଲେ 'ଆମର ଟେଲିଫୋନ୍ ଲାଇନ୍ କିଛିଦିନ ହେବ କାଟି ଦିଆଯାଇଛି ।'

ସର୍କିଟ ହାଉସ୍‌ର ତତ୍ତ୍ୱାବଧାରକ ଆଉ ମଧ୍ୟ କହିଲେ ଯେ, ଏଠି ଟେଲିଫୋନ ରହିବା ଦ୍ୱାରା ବହୁ ଲୋକ ଏହାର ଅପବ୍ୟବହାର କରୁଛନ୍ତି । ହଜାର ହଜାର ଟଙ୍କାର ବିଲ୍ ଉଠୁଛି ଓ ବିଭାଗର ସୀମିତ ସମ୍ବଳରେ ତାହା ଭରଣା କରିବା ସମ୍ଭବ ହେଉ ନାହିଁ । ପରେ ଅନ୍ୟ ଜଣେ ସାମ୍ବାଦିକ ବନ୍ଧୁଙ୍କଠାରୁ ଜାଣିବାକୁ ପାଇଲି ଯେ କେବଳ ସେହି ସର୍କିଟ୍ ହାଉସ୍ କାହିଁକି ରାଉରକେଲାର ଅଧିକାଂଶ ପୋଲିସ୍ ଫାଣ୍ଡିର ଟେଲିଫୋନ୍ ଗୁଡ଼ିକର ମଧ୍ୟ ଅନୁରୂପ ଅବସ୍ଥା । ସେସବୁର କାରଣ ଗୋଟିଏ ଓ ତାହା ହେଲା ଟେଲିଫୋନ୍ ବିଲ୍ ବାବଦକୁ ଦେୟ ରାଜ୍ୟ ସରକାର ଟେଲିଫୋନ୍ ବିଭାଗକୁ ଭରଣା କରି ନାହାନ୍ତି । ଯେଉଁଠି ପୋଲିସ୍ ଫାଣ୍ଡିର ଟେଲିଫୋନ୍ ଲାଇନ୍ କଟିଗଲାଣି ସେଠି ସାଧାରଣ ନାଗରିକ ନିଜର ଧନଜୀବନକୁ ସୁରକ୍ଷିତ ମଣିବ ବା କିପରି ?

ଟେଲିଫୋନ୍ ବୋଧହୁଏ ଆମ ଆଧୁନିକ ଜୀବନର ସବୁଠାରୁ ବଡ଼ ବିଡ଼ମ୍ବନା । ଏଣେ ପ୍ରତିଦିନ ମନ୍ତ୍ରୀ ମହୋଦୟ ନୂଆ ନୂଆ ଏକ୍ସଚେଞ୍ଜ୍ ଉଦ୍‌ଘାଟନ କରୁଛନ୍ତି । ସିଧାସଳଖ ଡାଏଲ୍ କରିବା ସୁବିଧା ଯୋଗାଉଛନ୍ତି । ତେଣେ ଏ ସୁବିଧା ସୁଯୋଗକୁ ସମ୍ଭାଳିବା ପାଇଁ ଆମ ମଧ୍ୟରେ ସେପରି କୌଣସି ସାଧୁତା ବା ସାହସ ନାହିଁ । ତା ନ ହୋଇଥିଲେ ମନ୍ତ୍ରୀ, ଯନ୍ତ୍ରୀ ଏବଂ ଅମଲାତନ୍ତ୍ରୀଙ୍କର ଟେଲିଫୋନ୍ ବିଲ୍‌ଗୁଡ଼ିକ ଲକ୍ଷାଧିକ ଟଙ୍କାର ହୁଅନ୍ତା ନାହିଁ । ସରକାରୀ ଟେଲିଫୋନ୍ ଗୁଡ଼ିକ ନିଃସଙ୍କୋଚ ଭାବରେ ବେସରକାରୀ ସ୍ୱାର୍ଥସାଧନରେ ନିୟୋଜିତ ହେଉଛି । ଟେଲିଫୋନ୍ ବିଭାଗ ମଧ୍ୟ ତଦ୍ରୂପ । ବିଲ୍ ଅନାଦେୟ ପାଇଁ ଲାଇନ୍ କାଟିବାରେ ସେମାନେ ଯେତେ ତତ୍ପରତା ପ୍ରକାଶ କରନ୍ତି ଦିନ ଦିନ ଧରି ଟେଲିଫୋନ୍‌ଟି ଖରାପ ହୋଇ ପଡ଼ି ରହିଥିଲାବେଳେ ତାକୁ ସଜାଡ଼ିବାରେ ସେପରି କୌଣସି ଦାୟିତ୍ୱବୋଧ ବା ସଚେତନତାର ପରିଚୟ ଦିଅନ୍ତି ନାହିଁ ।

ଏକଥା କାହାକୁ କହିବା ?